# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୯ ମସିହା ନଭେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଶତକଡା ୮୦ ଭାଗ ଧାନ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡ଼ା ପର୍ଯ୍ୟନ୍ତ ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡ଼ା ପର୍ଯ୍ୟନ୍ତ ଆର୍ଦ୍ରତା ରହିବା ଆବଶ୍ୟକ ।

- ବଜାରରେ ସୁଲଭ ମୂଲ୍ୟ ପାଇଁ ପ୍ରତ୍ୟେକ କିସମ ଅଲଗା ଭାବରେ ସଫା କରି ଧାନ ବସ୍ତାରେ ରଖନ୍ତୁ । ଅମଳ କରିଥିବା ଧାନକୁ ସଫା ଅଖାରେ ଭଲଭାବେ ପଲିଥିନ ଘୋଡେଇ ରଖନ୍ତୁ ଯେପରିକି ବର୍ଷାଦ୍ଵାରା କିଛି କ୍ଷତି ନହୁଏ ।

- ଧାନ ସାଇତି ରଖିଥିବା ପାତ୍ର ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍ ଭଲଭାବେ ତାରପୋଲିନ୍ ଘୋଡାଇ ଧୂଆଁ କରନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା କାଦୁଅ କିମ୍ବା ସେଲୋଟେପ୍ ପ୍ଲାଷ୍ଟିକ୍ ଜରିରେ ଭଲରେ ବନ୍ଦ କରନ୍ତୁ, ଯେପରିକି ଧୂଆଁ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ପାତ୍ରର ମୁହଁ ଭଲଭାବରେ ବନ୍ଦ କରନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

- ଏହି ସମୟରେ ଧାନରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ , ସବୁଜ ପତ୍ରଡିଆଁ ପୋକ ଏବଂ ଗନ୍ଧି ପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ । ସେଥିପାଇଁ ତଳେ ଦିଆଯାଇଥିବା ପୋକର ସଂଖ୍ୟା ଏବଂ ପ୍ରାର୍ଦୁଭାବ ଅବସ୍ଥା ସର୍ବେକ୍ଷଣ କରି ସେମାନଙ୍କୁ ଦମନ କରିବା ଦରକାର ।

- ମାଟିଆ ଗୁଣ୍ଡିପୋକ ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୁକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଆଜାଡ଼ିରାକ୍ଟିନ୍ ୦.୧୫% ଡବ୍ଲ୍ୟୁ/ ଡବ୍ଲ୍ୟୁ (ନିମ୍ବତମ) ଔଷଧ ୬୦୦-୮୦୦ ମି.ଲି. କିମ୍ବା ଟ୍ରିଫ୍ଲୁମେଜୋପାଇରିମ୍ ୧୦ ଏସ୍.ସି ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦ % ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡ଼ିନୋଟେଫ୍ୟୁରନ୍ ୨୦% ଏସ୍.ଜି. ୮୦ ଗ୍ରାମ୍ କିମ୍ବା ଇମିଡ଼ାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫ % ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- କାଣ୍ଡବିନ୍ଧା ପୋକ କିମ୍ବା ପତ୍ରମୋଡ଼ା ପୋକର ନିରିକ୍ଷଣ ପାଇଁ ଧାନରେ ଏକର ପିଛା ୩ ଟି ହିସାବରେ ଯୌନ ସମ୍ମୋହନଶୀଳ ଯନ୍ତା ରଖନ୍ତୁ। ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ରାତିରେ ଯନ୍ତା ପ୍ରତି ୩ ଟି ଦେଖାଯିବ, ଏକର ପିଛା ୩ଟି ଟ୍ରାଇକୋ କାର୍ଡ଼ (୧୮୦୦୦ ରୁ ୨୦୦୦୦ ଅଣ୍ଡା) ୧୦ ଦିନ ଅନ୍ତରରେ ବ୍ୟବହାର କରନ୍ତୁ । ଯଦି ମଲା ମଞ୍ଜ ଦେଖାଯାଏ ତେବେ ଏକର ପିଛା ଆଜାଡ଼ିରାକ୍ଟିନ୍ ୦.୧୫% (ନିମ୍ବତମ) ଏକ ଲିଟର କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୦.୪% ଜି.ଆର୍ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ

ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଯଦି ସବୁଜ ପତ୍ରଡିଆଁ ପତ୍ର ଦେଖାଯାଏ, ତେବେ ଏକର ପିଛା ଆଜାଡିରାକ୍ଟିନ୍ ୫% ଡବ୍ଲ୍ୟୁ/ଡବ୍ଲ୍ୟୁ ୮୦ ମି.ଲି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍ ୫୦ ମି.ଲି. କିମ୍ବା ଥାୟାମିଥାକ୍ସାମ୍ ୨୫ ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୦.୩% ଜି.ଆର୍. ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ଆବଶ୍ୟକ ।
- ଅସମୟରେ ବର୍ଷା ଯୋଗୁଁ କେତେକ ରୋଗ ମଧ ଦେଖାଯିବାର ସମ୍ଭାବନା ଥାଏ, ସେଗୁଡିକ ହେଲା ସାଆଁରା ରୋଗ, ପତ୍ରାଚ୍ଛାଦ ସଢ଼ା ରୋଗ, କେଣ୍ଡା ମହିଷା ରୋଗ । ସେଥିପାଇଁ ନିମ୍ନଲିଖିତ ଔଷଧ ପ୍ରୟୋଗ କରନ୍ତୁ ।
- **ସାଆଁରା ରୋଗ(False Smut) :** ସାଆଁରା ରୋଗ ଦମନ ପାଇଁ କପରହାଇଡ୍ରୋକ୍‌ସାଇଡ୍ ୭୭ ଡବ୍ଲ୍ୟୁ.ପି ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଫୁଲ ଧରିବା ପୂର୍ବରୁ ସ୍ପ୍ରେ କରନ୍ତୁ କିମ୍ବା କ୍ଲୋରୋଥାଲୋନିଲ୍ ୭୫ ଡବ୍ଲ୍ୟୁ.ପି ୨ ଗ୍ରାମ୍ କିମ୍ବା ଟେବୁକୋନାଜୋଲ୍ ୨୫୦ ଇ.ସି ୧ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ଫୁଲ ବାହାରିବା ପରେ ସ୍ପ୍ରେ କରନ୍ତୁ ।
- **ଗଣ୍ଠି / କେଣ୍ଡା ମହିଷା ରୋଗ(Neck/Panicle Blast) :** ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି ୦.୬ ଗ୍ରାମ୍ ପ୍ରତି ଲିଟର ପାଣି କିମ୍ବା ଟେବୁକୋନାଜୋଲ୍ ୫୦ + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫ ଡବ୍ଲ୍ୟୁ.ପି ୦.୪ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ପତ୍ରାଚ୍ଛାଦ ସଢ଼ା ରୋଗ(Sheath rot) :** ପତ୍ରାଚ୍ଛାଦ ସଢ଼ା ରୋଗ ଦମନ ପାଇଁ ହେକ୍ସାକୋନାଜୋଲ୍ ୫ ଇ.ସି. ୨ ମି.ଲି ପ୍ରତି ଲିଟର ପାଣି କିମ୍ବା ପ୍ରୋପିକୋନାଜୋଲ୍ ୨୫% ୧ ମି.ଲି. ପ୍ରତି ଲିଟର ପାଣି କିମ୍ବା ଥିଫ୍ଲୁଜାମାଇଡ୍ ୨୪ ଏସ୍.ସି ୧ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

******